# NATIONAL NEWS BULLETIN (ODIA)

## 6 January - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପୁଷ୍ଟିକର ଖାଦ୍ୟ ସୁରକ୍ଷା ଏବଂ ଅପପୁଷ୍ଟି ନିବାରଣ ସଂପର୍କିତ ଜାତୀୟ ସମ୍ମିଳନୀକୁ ଆଜି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ କେନ୍ଦ୍ର ସମବାୟ ମନ୍ତ୍ରୀ
- ଓଡ଼ିଆ ସମେତ ୪ଟି ଶାସ୍ତ୍ରୀୟ ଭାଷା ଲାଗି ୪୧ଟି ସାହିତ୍ୟ କୃତିକୁ ଆଜି ଉନ୍ମୋଚନ କରିବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ଟି ତ୍ରୈମାସରେ ଆବଣ୍ଟିତ ମୋଟ୍ ବଜେଟ୍ ଅନୁଦାନ ର ୮୦ ପ୍ରତିଶତରୁ ଅଧିକ ଉପଯୋଗ କରିଛି ଭାରତୀୟ ରେଳବାଇ
- ଇରାନରେ ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ସ୍ଥାନୀୟ ଭାରତୀୟଙ୍କ ଲାଗି ମାର୍ଗଦର୍ଶିକା ଜାରି କଲା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ।

ଏବଂ

- ୧୯ ବର୍ଷରୁ କମ୍ ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୮ ୱିକେଟ୍‌ରେ ପରାସ୍ତ କଲା ଭାରତ

# ଶାହା-ସିଏସ୍ଆର୍

ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀଠାରେ ପୁଷ୍ଟିକର ଖାଦ୍ୟ ସୁରକ୍ଷା ଏବଂ ଅପପୁଷ୍ଟି ନିବାରଣ ଦିଗରେ କର୍ପୋରେଟ୍ ସାମାଜିକ ଦାୟିତ୍ୱର ଭୂମିକା ସଂପର୍କିତ ଏକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଶିଶୁଙ୍କ ମଧ୍ୟରେ ଦେଖାଯାଉଥିବା ଅପପୁଷ୍ଟି ବିରୁଦ୍ଧରେ ଏକ ସମାବେଶୀ ତଥା ସ୍ଥାୟୀ ରଣନୀତି ପ୍ରସ୍ତୁତ କରିବା ହେଉଛି ଏହି ସମ୍ମିଳନୀର ଉଦ୍ଦେଶ୍ୟ । ବିଜ୍ଞାନ ଭବନଠାରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଦ୍ୱାରା ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଏହି ଅବସରରେ କେନ୍ଦ୍ର ସମବାୟ ମନ୍ତ୍ରୀ ଶ୍ରୀ ଶାହା ଭିଲାଇ ଇସ୍ପାତ କାରଖାନାର କର୍ପୋରେଟ ସାମାଜିକ ଦାୟିତ୍ୱ -ସିଏସ୍ଆର୍ କାର୍ଯ୍ୟକ୍ରମ ଅଧୀନରେ ଗିଫ୍‌ଟ ମିଲ୍‌କର ଶୁଭାରମ୍ଭ କରିବେ । ଏହାଦ୍ୱାରା ଏହି ଇସ୍ପାତ କାରଖାନାର ଖଣି ଅଞ୍ଚଳ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ପ୍ରାୟ ୪ ହଜାର ଶିକ୍ଷାର୍ଥୀ ଉପକୃତ ହୋଇପାରିବେ । ଏତଦ୍‌ବ୍ୟତୀତ ଶ୍ରୀ ଶାହା ଆଇଡିବିଆଇ ବ୍ୟାଙ୍କର ସିଏସ୍ଆର୍ ଅଧୀନରେ ଶିଶୁ ସଂଜୀବନୀ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଏହାଦ୍ୱାରା ମହାରାଷ୍ଟ୍ରର ନାଗପୁର ଜିଲ୍ଲା ଅନ୍ତର୍ଗତ ଗ୍ରାମୀଣ ଅଞ୍ଚଳରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଅଧ୍ୟୟନରତ ପ୍ରାୟ ୩ ହଜାର ଶିଶୁ ଉପକୃତ ହୋଇପାରିବେ ।

## ସାହିତ୍ୟ କୃତି

ଓଡ଼ିଆ, କର୍ଣ୍ଣଡ, ତେଲୁଗୁ ଓ ମାଲାୟାଲମ ଶାସ୍ତ୍ରୀୟ ଭାଷା ଲାଗି ୪୧ଟି ସାହିତ୍ୟ କୃତିକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଉନ୍ମୋଚନ କରିବେ । ଏହି କୃତି ଗୁଡ଼ିକ କେନ୍ଦ୍ରୀୟ ଭାରତୀୟ ଭାଷା ପ୍ରତିଷ୍ଠାନ ଅଧୀନରେ ବିକଶିତ ହୋଇଛି । ଏ ସଂପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ଶିକ୍ଷା ମନ୍ତ୍ରଣାଳୟ କହିଛି, ଭାରତୀୟ ଶାସ୍ତ୍ରୀୟ ଭାଷା ଅଧ୍ୟୟନକୁ ସଶକ୍ତ କରିବା ସହିତ ଦେଶର ସମୃଦ୍ଧ ସାହିତ୍ୟ, ଐତିହ୍ୟକୁ ସଂରକ୍ଷଣ ରଖିବା ଦିଗରେ ସରକାରଙ୍କ ସ୍ଥାୟୀ ପ୍ରତିବଦ୍ଧତା ଏହା ଦ୍ୱାରା ପ୍ରତିଫଳିତ ହେଉଛି । ଏହି ପଦକ୍ଷେପ ଦ୍ୱାରା ଏକ ସମାବେଶୀ ତଥା ଅଭିନବ ମଞ୍ଚ  ମାଧ୍ୟମରେ ଶାସ୍ତ୍ରୀୟ ଜ୍ଞାନକୁ ଅଧିକ ସୁଗମ କରାଯାଇ ପାରିବ ।

## ଜୟଶଙ୍କର-ଆଇଇଏ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଗତକାଲି ପ୍ୟାରିସ୍‌ଠାରେ ଆନ୍ତର୍ଜାତିକ ଶକ୍ତି ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଫାତି ବିରୋଲ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ବିଶ୍ୱସ୍ତରରେ ବିଶ୍ୱ ଶକ୍ତିକ୍ଷେତ୍ର ଏବଂ ଭାରତର ଏହି କ୍ଷେତ୍ରର ଅଭିବୃଦ୍ଧି ସଂପର୍କରେ ମୁଖ୍ୟତଃ ଆଲୋଚନା ହୋଇଥିବା ଜଣାଯାଇଛି । ଡକ୍ଟର ଜୟଶଙ୍କରଙ୍କ ୟୁରୋପ ଗସ୍ତ ଅବସରରେ ସେ ଭାଗିଦାରୀ ଦେଶଗୁଡ଼ିକ ସହ ଭାରତର ସାଂସ୍କୃତିକ

ସଂପର୍କ ଉପରେ ଆଲୋକପାତ କରିଛନ୍ତି । ଗତ ୪ ତାରିଖରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଡକ୍ଟର ଜୟଶଙ୍କର ୬ ଦିନିଆ ଫ୍ରାନ୍ସ ଓ ଲଗ୍‌ଜେମ୍‌ବର୍ଗ ଗସ୍ତରେ ଯାଇଛନ୍ତି । ଏହି ଦୁଇ ଦେଶ ସହିତ ଭାରତର ଦ୍ୱିପୀୟ ସଂପର୍କକୁ ସଶକ୍ତ କରିବା ହେଉଛି ତାଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ଫ୍ରାନ୍ସ ପ୍ରତିପକ୍ଷ ଜିଙ୍ଗ୍ ନୋଏଲ୍ ବ୍ୟାରଟ୍‌ଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହିତ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏତଦ୍‌ବ୍ୟତୀତ ପ୍ୟାରିସ୍‌ଠାରେ ସେ ଫ୍ରାନ୍ସ ରାଷ୍ଟ୍ରଦୂତ ସମ୍ମିଳନୀର ୩୧ତମ ସଂସ୍କରଣରେ ମଧ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ ।

# ରେଳବାଇ

ଭାରତୀୟ ରେଳବାଇ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୩ଟି ତ୍ରୈମାସରେ ଆବଣ୍ଟିତ ମୋଟ୍ ବଜେଟ୍ ଅନୁଦାନବ୍ୟୟର ୮୦ ପ୍ରତିଶତରୁ ଅଧିକ ଉପଯୋଗ କରିପାରିଛି । ଚଳିତ ଆର୍ଥିକବର୍ଷରେ ମୋଟ୍ ୨ଲକ୍ଷ ୫୨ ହଜାର ୨୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଗତବର୍ଷ ଡିସେମ୍ବର ସୁଦ୍ଧା ରେଳବାଇ ସେଥିମଧ୍ୟରୁ ୨ ଲକ୍ଷ ୩ ହଜାର ୧୩୮ କୋଟି ଟଙ୍କା ଖର୍ଚ୍ଚ କରିଛି । ଏହା ୨୦୨୪ ଡିସେମ୍ବର ତୁଳନାରେ ୬ ଦଶମିକ ୫/୪ ପ୍ରତିଶତ ଅଧିକ । ବିଶେଷକରି ରେଳବାଇର ସୁରକ୍ଷା, କ୍ଷମତା ବୃଦ୍ଧି, ଭିତ୍ତିଭୂମି ଆଧୁନିକୀକରଣ ଏବଂ ଯାତ୍ରୀ ସୁବିଧା ଲାଗି ଏହି ଅର୍ଥ ଖର୍ଚ୍ଚ ହୋଇଥିବା ଜଣାଯାଇଛି ।

## ଇରାନ ଆଡ୍‌ଭାଇଜରୀ

ଇରାନରେ ଆଇନଶୃଙ୍ଖଳା ପରିସ୍ଥିତିରେ  ଅବନତି ଦେଖାଦେଇଥିବା ଦୃଷ୍ଟିରୁ  ସେଠାରେ ରହୁଥିବା ଏବଂ  ଯାତ୍ରା କରିବାକୁ ଥିବା ଭାରତୀୟଙ୍କ ଲାଗି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ବିଶେଷ ଆବଶ୍ୟକତା ନଥିଲେ ଇରାନକୁ ଯାତ୍ରା କରିବାକୁ ବର୍ତ୍ତମାନ ବାରଣ କରାଯାଇଛି । ଅନ୍ୟପକ୍ଷରେ ଆନ୍ଦୋଳନ ହେଉଥିବା ସ୍ଥାନଗୁଡ଼ିକୁ ନ ଯିବା ଲାଗି ସେଠାରେ ବସବାସ କରୁଥିବା ଭାରତୀୟଙ୍କୁ ମାର୍ଗଦର୍ଶିକାରେ ପରାମର୍ଶ ଦିଆଯାଇଛି। ତେହେରାନ୍‌ସ୍ଥିତ ଭାରତୀୟ ଦୂତାବାସର ୱେବ୍‌ସାଇଟ୍ ଏବଂ ସାମାଜିକ ଗଣମାଧ୍ୟମ ସହିତ ଯୋଗାଯୋଗରେ ରହିବା ଲାଗି ସେଠାରେ ରହୁଥିବା ଭାରତୀୟଙ୍କୁ କୁହାଯାଇଛି ।

## ୟୁଏସ୍-ଭାଇସ୍ ପ୍ରେଜ୍

ଯୁକ୍ତରାଷ୍ଟ୍ର ଆମେରିକାର ଉପରାଷ୍ଟ୍ରପତି ଜେ ଡି ଭାନ୍ସଙ୍କର ବାସଭବନ ଉପରେ ଆକ୍ରମଣ କରିବା ଅଭିଯୋଗରେ ଗତକାଲି ପୋଲିସ୍ ଜଣକୁ ଗିରଫ କରିଛି । ଏ ସଂପର୍କରେ ସରକାରୀ ଭାବେ ଜାରି କରାଯାଇଥିବା ଏକ ବିବୃତି ଅନୁଯାୟୀ, ଉପରାଷ୍ଟ୍ରପତି ଏବଂ ତାଙ୍କର ପରିବାର ନିଜ

ବାସଭବନରେ ଉପସ୍ଥିତ ନଥିବା ସମୟରେ ଆଣ୍ଟୋନୀ ଗୁଗ୍ଲେଲ୍ମି ନାମକ ଏହି ବ୍ୟକ୍ତି ଆକ୍ରମଣ କରିଥିଲା ।

## ଟିଏନ୍-ଅମିତ ଶାହା

ତାମିଲନାଡୁ ବିଧାନସଭା ଲାଗି ହେବାକୁ ଥିବା ନିର୍ବାଚନରେ ଏନଡିଏର ବିଜୟ ସୁନିଶ୍ଚିତ କରିବା ଦିଗରେ ମିଳିତ ଉଦ୍ୟମ କରିବା ଲାଗି ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଦଳୀୟ କର୍ମକର୍ତ୍ତା ଓ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଛନ୍ତି । ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଦୁଇଦିନିଆ ରାଜ୍ୟ ଗସ୍ତ ଅବସରରେ ଗତକାଲି ତିରୁଚି ଠାରେ ଦଳୀୟ କର୍ମକର୍ତ୍ତାଙ୍କ ସହ ବୈଠକ ଅବସରରେ ସେ ଏହା କହିଛନ୍ତି । ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ସଂପର୍କରେ ରାଜ୍ୟବାସୀଙ୍କୁ ତୃଣମୂଳସ୍ତରରେ ଅବଗତ କରାଇବା ନିମନ୍ତେ ସେ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି । ଏତଦ୍‌ବ୍ୟତୀତ ଶାସକ ଡିଏମକେ ସରକାରଙ୍କର ବିଭିନ୍ନ କ୍ଷେତ୍ରରେ ହୋଇଥିବା ବିଫଳତା ଓ ଦୁର୍ନୀତିକୁ ମଧ୍ୟ ଲୋକଲୋଚନକୁ ଆଣିବା ଲାଗି ସେ ଦଳୀୟ କର୍ମୀଙ୍କୁ କହିଛନ୍ତି ।

ଏହି ଗସ୍ତ ଅବସରରେ ଶ୍ରୀ ଶାହା ଆଗାମୀ ନିର୍ବାଚନ ଲାଗି ଏଆଇଏଡିଏମ୍‌କେ ର ନେତୃବୃନ୍ଦଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି । ପରେ ଶ୍ରୀ ଶାହା ବିଜେପିର ନମ ଓରୁ ମୋଦି ପୋଙ୍ଗାଲ କାର୍ଯ୍ୟକ୍ରମ

ଅଧୀନରେ ତିରୁଚେରାପଲୀଠାରେ ପୋଙ୍ଗଲ ସମାରୋହରେ ଯୋଗ ଦେଇଥିଲେ ।

# ଧର୍ମେନ୍ଦ୍ର ପ୍ରଧାନ– ପିଏମ୍ ବୁକ୍

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ନୂଆଦିଲ୍ଲୀରେ **'ଖତବାତ-ଏ-ମୋଦୀ- ଲାଲକିଲା କି ଫାସିଲ ସେ'** ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ  ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ଏହି ଭାଷଣଗୁଡ଼ିକ ଶ୍ରୀ ମୋଦୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ ଏବଂ 'ସବ୍‌କା ପ୍ରୟାସ'କୁ ଗ୍ରହଣ କରି କାର୍ଯ୍ୟ କରିବାର ଶୈଳୀକୁ ଦର୍ଶାଉଛି।  ଏହି ପୁସ୍ତକରେ ଅନ୍ତ୍ୟୋଦୟ, ସ୍ୱଚ୍ଛ ଭାରତ ଏବଂ ଜାତୀୟ ସ୍ୱାର୍ଥ ସହ ଜଡ଼ିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟ ସ୍ଥାନିତ ହୋଇଛି।

**V/O:(Dharmendra)**

ପୁସ୍ତକଟି ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏକ ସଂକଳନ ଯାହା ଉର୍ଦ୍ଦୁ ଭାଷାରେ ଅନୁବାଦିତ ହୋଇଛି ଏବଂ ଜାତୀୟ ଉର୍ଦ୍ଦୁ ଭାଷା ପ୍ରୋତ୍ସାହନ ପରିଷଦ ଦ୍ୱାରା ପ୍ରକାଶିତ ହୋଇଛି।

# କ୍ରିକେଟ୍

୧୯ ବର୍ଷରୁ କମ୍ ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ଗତକାଲି ଦକ୍ଷିଣଆଫ୍ରିକାକୁ ଡକ୍‌ୱର୍ଥ ଲୁଇସ୍ ଷ୍ଟର୍ନ-ଡିଏଲ୍‌ଏସ୍

ପଦ୍ଧତିରେ ୮ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଦକ୍ଷିଣ ଆଫ୍ରିକାର ବେନୋମୀସ୍ଥିତ ଓ୍ୱିଲୋମୋରି ପାର୍କରେ  ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଘରୋଇଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୪୯ ଦଶମିକ ୩ ଓଭର୍‌ରେ ୨୪୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଭାରତ ଡିଏଲ୍‌ଏସ୍ ପଦ୍ଧତିରେ ୨୭ ଓଭର୍‌ରେ ୧୭୪ ରନ୍‌ର ବିଜୟଲକ୍ଷ୍ୟ ପିଛା କରି ୨୩ ଦଶମିକ ୩ ଓଭର୍‌ରେ ୧୭୬ ରନ୍ ସଂଗ୍ରହ କରିଥିଲା । ଏହି ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଏଥିସହିତ ଭାରତ ୨-୦ରେ ଆଗୁଆ ରହିଛି । ଗତ ଶନିବାର ଦିନ ଅନୁଷ୍ଠିତ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ’ ଦକ୍ଷିଣ ଆଫ୍ରିକାକୁ ଡିଏଲ୍‌ଏସ୍ ପଦ୍ଧତିରେ ୨୫ ରନ୍‌ରେ ପରାସ୍ତ କରିଥିଲା ।

## ବ୍ୟାଡମିଣ୍ଟନ

ମ୍ୟାଲେସିଆ ଓପନ୍ ୨୦୨୬ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଦୁଇଥରର ଅଲମ୍ପିକ୍ ବିଜେତା ପି.ଭି. ସିନ୍ଧୁ ଆଜି ନିଜର ଅଭିଯାନ ଆରମ୍ଭ କରିବେ । କ୍ୱାଲାଲାମ୍ପୁରସ୍ଥିତ ଆଗ୍‌ଜିଆତା ଆରେନା ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ପୁରୁଷ ବର୍ଗରେ ପ୍ୟାରିସ୍ ୨୦୨୪ର ସେମିଫାଇନାଲ୍ ଖେଳାଳି ଲକ୍ଷ୍ୟ ସେନ ଓ ଆୟୁଷ ସେଟ୍ଟି ମଧ୍ୟ ଆଜି ନିଜର ଅଭିଯାନ ଆରମ୍ଭ କରିବେ । ଏତଦ୍‌ବ୍ୟତୀତ ଭାରତୀୟ ଡବଲ୍‌ସ ଯୋଡ଼ି ଚିରାଗ ସେଟ୍ଟି ଓ ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ମହିଳା ଡବଲ୍‌ସ ଯୋଡ଼ି

ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି ।